## ଜଳନ୍ଧର ବଧ ସହ ଲକ୍ଷ୍ମୀ ପୂଜା ଉଦ୍‌ଯାପିତ



ଭେଡ଼େନ, ୨୬।୧୨ (ସୁଦନ ମହାକୁର)

ଲକ୍ଷ୍ମୀପୂଜା ଅବସରରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟୀ ଗ୍ରାମରେ ଚାରିଦିନ ଧରି ଚାଲିଥିବା ଜଳନ୍ଧର ବଧ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇ ଜଳନ୍ଧର ବଧ ପରେ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀ ପୂଜନୋତ୍ସବରେ ଗୌରଚନ୍ଦ୍ର ଦନ୍ତା ସସ୍ତ୍ରୀକ କର୍ତ୍ତା ଓ ତେଜରାମ ସତପଥୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଖବରଦାତା ନବ କିଶୋର ଠାକୁର ନାରଦ ଭୂମିକାରେ ଅଭିନୟ କରିଥିଲେ। ପ୍ରେମାନନ୍ଦ ସେନାପତି, ଆନନ୍ଦ ସେନାପତି ସଙ୍ଗୀତ ପରିଚାଳନା କରିଥିଲେ। ଖବରଦାତା ମୁକୁନ୍ଦ ଷଡ଼ଙ୍ଗୀ, ହୀରା ମହାକୁର, ସମାଜସେବୀ ଗୋବିନ୍ଦ ନାଗ, ପିକୁ ମିଶ୍ର, ଲକ୍ଷ୍ମୀ ରଥ, କୁଶ କୁମ୍ଭାର, ଉର୍ବୁଲୁ ତାଣ୍ଡି ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ।

# ଆର୍‌ଏମ୍‌ସି ଅଫିସ ଆଗରେ ବିକ୍ଷୋଭ

**ପାଣି ପାଇପ୍ ମରାମତି ସହ କ୍ଷତିପୂରଣ ଦାବି**

ରାଉରକେଲା,୨୬।୧୨(ସଙ୍ଗୀତା ଜେନା)



ଭାଜପା କର୍ମୀମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା ଓ ଆଖପାଖ ଅଞ୍ଚଳରେ ଗତ ୧୦ତାରିଖରୁ ପାନୀୟ ଜଳଯୋଗାଣ ପାଇପ ଫାଟିଛି। ଫଳରେ ହଇଜାରେ ୧୫ଜଣ ଲୋକ ପ୍ରାଣ ହରାଇଲେଣି। ଏହି ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ସହ ଫାଟିଥବବା ପାଇପ୍ ମରାମତି କରିବାକୁ ଭାଜପା ଦାବି କରିଛି। ଏହି ପରିପ୍ରେକ୍ଷୀରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ନିହାର ରାୟ ଓ ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକ ଉଦିତନଗର ସିଂହାସିନୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ଆର୍‌ଏମ୍‌ସି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆର୍‌ଏମ୍‌ସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୱାଟକୋ ପକ୍ଷରୁ ସହରରେ ୧୬ଟି ସ୍ଥାନରେ ଫାଟ ଚିହ୍ନଟ କରାଯାଇଥିବା ବେଳେ ଏହାର ସଂଖ୍ୟା ଅଧିକ ରହିଥିବାରୁ ଏହାକୁ ମରାମତି କରିବା, ମୃତକଙ୍କ ପରିବାରବର୍ଗଙ୍କୁ ୨୦ଲକ୍ଷ ଟଙ୍କା ଓ ଜଣଙ୍କୁ ଚାକିରି ପ୍ରଦାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଭଗବାନ ରାଉତ, ଦିଲୀପ ଦାସ, ଅଙ୍କୁଶ ବର୍ମା, ପ୍ରବାଳ ବାରିକ, ରୋହି ତନ୍ତୀ, ବାବୁଲି ମୁର୍ମୁ, ଶକ୍ତେଶ୍ୱର ପାତ୍ର, ସନ୍ଦୀପ ଅଗ୍ରୱାଲ, କେଦାର ପ୍ରିୟଦର୍ଶୀ, ମମତା ଗୌତମଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼,୨୬।୧୨(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ରଞ୍ଜନ କାଲୋ(୪୨)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ପାଇଁ ଆଦେଶ କରିଛନ୍ତି। ପ୍ରକାଶ ଯେ, ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ତଲସରା କଲୋନୀ ପଡାର ରଞ୍ଜନ କାଲୋ ଗତ ୮।୧।୨୦୧୭ ରାତିରେ ସ୍ତ୍ରୀ ସହିତ ଝଗଡା କରୁଥିଲେ। ଏହି ସମୟରେ ତାଙ୍କ ମା'ବାପା ଓ ପଡୋଶୀ ମହିଳା ଫୁଲମତୀ ବାରିକ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ଏକ ନିଆ ଫୁଙ୍କା ଲୁହା ନଳାରେ ମା'ଙ୍କୁ ମୁଣ୍ଡରେ ପିଟିଥିଲେ। ରକ୍ତାକ୍ତ ଅବସ୍ଥାରେ ଗ୍ରାମବାସୀ ଚିକିତ୍ସା ପାଇଁ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ରାଗ ରଖିଥିବା ରଞ୍ଜନ ତହିଁପରଦିନ ଭୋର ଘର ସମ୍ମୁଖ ରାସ୍ତାରେ ଝାଡୁ କରୁଥିବା ଫୁଲମତୀ ବାରିକ(୭୫)ଙ୍କୁ ଟାଙ୍ଗିଆରେ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଫୁଲମତୀଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ତାଙ୍କ ପୁଅ ଶୁକ୍ରୁ ବାରିକ ଘଟଣାସ୍ଥଳରେ ପହଞ୍ଚି ଧରୁଆଡିହି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ତଦନ୍ତ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ଅଶୋକ କୁମାର ସ୍ୱାଇଁ ମାମଲାର ପରିଚାଳନା କରୁଥିଲେ।

## ଫୁଟବଲ: ଶିବଶଙ୍କର କ୍ଲବ (କ) ଚାମ୍ପିୟନ



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼,୨୬।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଦୋପଡା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀଦେଇ ଗ୍ରାମରେ ଶାନ୍ତି ନିକେତନ କ୍ଲବ ଆନୁକୂଲ୍ୟରେ ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁରୁଣାପାଣିର ଶିବଶଙ୍କର କ୍ଲବ (କ) ପୁରୁଣାପାଣିର ଶିବଶଙ୍କର କ୍ଲବ(ଖ)କୁ ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପ୍ରଶାନ୍ତ ସାନି, କୃଷ୍ଣଚନ୍ଦ୍ର ପ୍ରଧାନ, ଗଙ୍ଗାଧର ସିଂ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ରବୀନ୍ଦ୍ର ମହାକୁଡ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଶାନ୍ତି ନିକେତନ କ୍ଲବର ସଭାପତି ରମେଶ ମହାକୁଡଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ ଓ ସମ୍ମାନିତ ଅତିଥି ଭାବେ କାଦୋପଡା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ରୁନୁବାଳା ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଯଥାକ୍ରମେ ଖାସି ଓ ବୋଦା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଶାନ୍ତି ନିକେତନ କ୍ଲବର ସମ୍ପାଦକ ରବୀନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ସତ୍ୟ ମହାକୁଡ, ମଙ୍ଗଳ ମୁଣ୍ଡା, ନହ ଓରାମ, ପିଙ୍କୁ ମହାକୁଡ ଓ ଲାଖି ମୁଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପଦ୍ମପୁରରେ ସାମିଲ ହେବାକୁ ନା

**ଭାଜପାର ସ୍ମାରକପତ୍ର ପ୍ରଦାନ**

ବରଗଡ଼,୨୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ଦାବି ଜୋର୍ ଧରିଛି । ଗତ ପଦ୍ମପୁର ଉପନିର୍ବାଚନ ସମୟରେ ଏହି ଦାବି ନେଇ ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ମଧ୍ୟ ଦେଇଥିଲେ। ଅନ୍ୟପଟେ ଏ ନେଇ ଆସନ୍ତା ୩୦ତାରିଖରେ ମୁଖ୍ୟମନ୍ତ୍ରୀ ବିଧିବଦ୍ଧ ଘୋଷଣା କରିବେ ବୋଲି କେତେକ ନିର୍ଦ୍ଦିଷ୍ଟ ଖବରକାଗଜରେ ପ୍ରକାଶ ପାଇଥିବାବେଳେ ପଦ୍ମପୁର ଏବଂ ବିଜେପୁର ନିର୍ବାଚନ ମଣ୍ଡଳୀକୁ ନେଇ ନୂତନ ଜିଲା ଗଠନ ହେବ ବୋଲି ସେଥିରେ ଉଲ୍ଲେଖ ରହିଛି। ଏହାପରେ ନୂତନ ଜିଲା ଗଠନକୁ ଲୋକେ ସ୍ୱାଗତ କରୁଥିବାବେଳେ ଏଠହି ପ୍ରସ୍ତାବିତ ଜିଲାରେ ବରପାଲି, ବିଜେପୁର ମିଶ୍ରଣକୁ ନେଇ ବିରୋଧ ତେଜିବାରେ ଲାଗିଛି ।

ଏହି କ୍ରମରେ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରସ୍ତାବିତ ପଦ୍ମପୁର ଜିଲାରେ ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ବ୍ଲକ, ବରପାଲି ଏନଏସି, ବିଜେପୁର ବ୍ଲକ, ବିଜେପୁର ଏନଏସିକୁ ସାମିଲ ନ କରିବା ପାଇଁ ସ୍ମାରକପତ୍ରରେ ଦାବି ହୋଇଛି। ବରଗଡ଼ ଜିଲା ହେଡ୍‌କ୍ୱାର୍ଟରରୁ ବରପାଲି ଏବଂ ବିଜେପୁରର ଦୂରତା ମାତ୍ର ୨୫କି.ମି ଅଟେ। ମାତ୍ର ବରପାଲି, ବିଜେପୁରରୁ ପଦ୍ମପୁରରୁ ଦୂରତା ୭୦କି.ମି ହେବ। ସେହିପରି ବରପାଲି କିମ୍ବା ବିଜେପୁରରୁ ଜଣେ ରୋଗୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କଲେ ପ୍ରାୟ ୨୫କି.ମି ପଡୁଛି । ଅନ୍ୟପଟେ ପଦ୍ମପୁର ଜିଲାରେ ବରପାଲି, ବିଜେପୁର ସାମିଲ ହେଲେ ରୋଗୀଙ୍କୁ ସ୍ଥାନାନ୍ତର ସମୟରେ ୭୦କି.ମି ଯିବାକୁ ପଡ଼ିବ । ଏହି ଦୃଷ୍ଟିରୁ ପ୍ରସ୍ତାବିତ ପଦ୍ମପୁର ଜିଲାରେ ବରପାଲି ଏବଂ ବିଜେପୁର ବ୍ଲକ, ଏନଏସିକୁ ସାମିଲ କରା ନ ଯାଉ ବୋଲି ଭାଜପା ଦାବି କରିଛି । ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସନତ କୁମାର ଗଡ଼ତୀୟା, ଅମିତ କୁମାର ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

## ଦେବଗଡ଼ର ଏମ୍‌ପିଟି ଚାମ୍ପିୟନ



ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ସଚ୍ଚିକାନ୍ତ ଦାଶ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ମା' ତାରିଣୀ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼,୨୬।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବଡଛାପଲ ଗ୍ରାମ ପଞ୍ଚାୟତର ତିରିବ ଗ୍ରାମରେ ମା' ତାରିଣୀ କ୍ଲବ ଆନୁକୂଲ୍ୟରେ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ମା' ତାରିଣୀ କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମଙ୍ଗଳବାର ଆୟୋଜକ ମା' ତାରିଣୀ କ୍ଲବକୁ ୮୧ରନରେ ପରାସ୍ତ କରି ଦେବଗଡର ଏମ୍‌ପିଟି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ତରଣୀସେନ ଭୋଇ ଓ ଜ୍ଞାନେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବିବେକାନନ୍ଦ ସାହୁ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ମା' ତାରିଣୀ କ୍ଲବର ସଭାପତି ତରଣୀସେନ ଭୋଇଙ୍କ ସଭାପତିତ୍ୱ ଓ ଅଜିତ କୁମାର ଭୋଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଚ୍ଚିକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ଉଦୟନାଥ ସାହୁ ଓ ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଶ୍ରୀଲତା କ୍ରିକେଟ ଏକାଡେମୀ ପଶ୍ଚିମବଙ୍ଗ ସେମିଫାଇନାଲରେ

**୨୭ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

ଅମରପାଲି,୨୬।୧୨(ପୀତାମ୍ବର ସାହୁ)




ବୋକାରୋ ରେଲୱେର ସୁରଜ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡିଆରେ ହେଉଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ମଙ୍ଗଳବାର ଦିନ ମ୍ୟାଚ ଶ୍ରୀଲତା କ୍ରିକେଟ ଏକାଡେମି ପଶ୍ଚିମବଙ୍ଗ ଓ ବୋକାରୋ ରେଲୱେ, ଝାଡଖଣ୍ଡ ମଧ୍ୟରେ ହୋଇଥିଲା। ମ୍ୟାଚ ଟି-୨୦ ଓ ଟି-୧୦ ଫର୍ମାଟରେ ହୋଇଥିଲା। ବକାରୋ ରେଲୱେ, ଝାଡଖଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୦ ରନ କରିଥିଲା। ଦଳର ଅଭିଷେକ କୁମାର ୮୭ ରନ , ବଣ୍ଟି କୁମାର ଆୟାନ ୩୩,ରାଧେଶ୍ୟାମ ପାଣ୍ଡେ ଓ ସୁରଜ ନାୟକ ଉଭୟେ ୨୨ ରନ ଲେଖାଏ କରିଥିଲେ। ବିପକ୍ଷ ଶ୍ରୀଲତା ଏକାଡେମି ପଶ୍ଚିମବଙ୍ଗର ସୁଧୀର ରାୟ ୨ ଟି ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲତା କ୍ରିକେଟ ଏକାଡେମି ପଶ୍ଚିମବଙ୍ଗ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୧ ରନ କରିଥିଲା। ଦଳର ଆଦିତ୍ୟ ସିଂ ୬୫, ଧିରଜ ତିୱାରୀ ୩୬ ଓ ସୁଧୀର ରାୟ ୩୦ ରନ କରିଥିଲେ। ବିପକ୍ଷ ବକାରୋ ରେଲୱେର ଡି.ସୂର୍ଯ୍ୟ ଯାଦବ ୨ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟ ରେ ବକରୋ ରେଲୱେ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୨ ରନ କରିଥିଲା। ଦଳର ସୁରଜ ନାଏକ ୩୮ ରନ ଓ ବିନୟ ସିଂ ୨୪ ରନ କରିଥିଲେ। ବିପକ୍ଷ ଶ୍ରୀଲତା କ୍ରିକେଟ ଏକଡେମୀର ସୁରଜ କୁମାର ୨ ଟି ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲତା କ୍ରିକେଟ ଏକାଡେମି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୮ରନ କରିଥିଲା। ଦଳର ରାଜା କୁମାର ୧୯ ରନ କରିଥିବା ବେଳେ ବିପକ୍ଷ ଦଳର ବିଶାଳ କୁମାର ଓ ସୁରଜ ନାଏକ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ମ୍ୟାଚ ଖେଳା ଯାଇଥିଲା। ଏଥିରେ ପଶ୍ଚିମବଙ୍ଗ ୧୨ ରନ କରିଥିବା ବେଳେ ବକାରୋ ରେଲୱେ ୬ ରନ କରି ପରାସ୍ତ ହୋଇଥିଲା। ଫଳରେ ପଶ୍ଚିମବଙ୍ଗ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ଲବ କୁମାର ସହୁ, ପ୍ରଦୀପ ସେଠୀ ଓ ପ୍ରିୟବ୍ରତ ସାହୁ ଓ ପ୍ରେମାନନ୍ଦ ଜଟି ଅତିଥି ଭାବେ ଯୋଗଦେଇ ବକାରୋ ରେଲୱେ ଦଳର ସୁରଜ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ସଙ୍ଗଠିତ ହେଉଛି ପଶ୍ଚିମ ଓଡ଼ିଶା ଓକିଲ ସଂଘ

ବରଗଡ଼,୨୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଓକିଲ ସଂଘ ଆନୁକୂଲ୍ୟରେ ସଂଘର ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସେମିନାର ହଲ୍ ପରିସରରେ ଆୟୋଜିତ ବୈଠକରେ ଜିଲାର ୧୦ବାର୍ ଆସୋସିଏଶନ କର୍ମକର୍ତ୍ତା ଯୋଗ ଦେଇଥିଲେ। ବରଗଡ଼ ଜିଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସୁଶିଲ କୁମାର ଶତପଥି ସ୍ୱାଗତ ଭାଷଣ ଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଓକିଲମାନଙ୍କୁ ନିଷ୍ପେସିତ କରାଯାଉଥିବା ନେଇ ଆଲୋଚନା ହୋଇଥିଲା। ଓକିଲମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଓକିଲମାନଙ୍କର ମୌଳିକ ଅଧିକାର ତଥା ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇ ପୁଣିଥରେ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ତଥା ସଂଘମାନଙ୍କୁ ନିମନ୍ତ୍ରଣ କରି ବୈଠକ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବରଗଡ଼ ଜିଲାର ବିଭିନ୍ନ ଓକିଲ ସଂଘରୁ ଆସିଥିବା ସଭାପତିମାନଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ଗଠନ କରାଯାଇଥିଲା। ବୈଠକରେ ବରଗଡ଼ ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ଶିରୀଶ ବଲ୍ଲଭ ମିଶ୍ର, ଗୌନ୍ତିଆ କୁମାର ସାହୁ, ଶରତ ପ୍ରଧାନ, ଆର.ପି ସିଂ, ଅନନ୍ତ ଶୟନ ପାଢ଼ୀ, ନିପନ ଦାଶ, ଶଙ୍କର୍ଷଣ ମିଶ୍ର, ତୁନାଜ ତ୍ରିପାଠୀ, ତାରାପଦ ତ୍ରିପାଠୀ, ସୌରୀଚରଣ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦକ ଶୁକଦେବ ସାହୁ ସଭା ସଂଯୋଜନା ଏବଂ ସମ୍ପାଦକ ଉତ୍ତମ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେପି ଟପ୍ ୧୦ ଟ୍ୟାଲେଣ୍ଟରେ ଡାଲମିଆ ବିଦ୍ୟା ମନ୍ଦିର ଛାତ୍ରଙ୍କ ସଫଳତା

ରାଜଗାଙ୍ଗପୁର, ୨୬।୧୨(ଅଶୋକ ପାଣି)



ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟାମନ୍ଦିରରେ ଶିକ୍ଷା ଲାଭ କରୁଥିବା ନବମ ଶ୍ରେଣୀର ଛାତ୍ର ନୀଲେଶ ପାଢ଼ୀ ଜେପି ଟପ୍ ୧୦ ଟ୍ୟାଲେଣ୍ଟ ୨୦୨୩ ବର୍ଷରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ନୀଲେଶ ପାଢ଼ୀଙ୍କୁ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ଜେପି ଟପ୍ ୧୦ ଟ୍ୟାଲେଣ୍ଟ ୨୦୨୩ ପୁରସ୍କାର ପ୍ରଦାନ କରିଥିଲେ। ଜୟପ୍ରକାଶ (ଜେପି) ହସ୍ପିଟାଲ ରାଉରକେଲା ଏହାର ସାମାଜିକ ଦାୟିତ୍ୱ ନିର୍ବାହ ଅନୁଯାଇ ଜେପି ମୋଷ୍ଟ ଟ୍ୟାଲେଣ୍ଟେଡ୍ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨୦୨୩ ଏବଂ ଜେପି ଟପ୍ ୧୦ ଟ୍ୟାଲେଣ୍ଟ ଅଫ୍ ଦି ଇୟର ୨୦୨୩ ଶୀର୍ଷକ ସ୍କଲାରଶିପ୍ ପୁରସ୍କାର କ୍ରମାଗତ ଦ୍ୱିତୀୟ ବର୍ଷରେ ଆୟୋଜନ କରିଥିଲା। ଏହି ସ୍କଲାରଶିପ୍ ୮ ରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ସେମାନଙ୍କ ଶିକ୍ଷା ଏବଂ ସାଧାରଣ ଜ୍ଞାନର ବିକାଶ ପାଇଁ ନିୟୋଜିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ନୀଲେଶ ପାଢୀ ହେଉଛନ୍ତି ଡ.ନୀଳାଦ୍ରି ଭୂଷଣ ପାଢୀ ଏଇଡି ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍ଗପୁର ଓ ମନ୍ଦାକିନୀ ପାଢୀଙ୍କ ପୁତ୍ର। ଡାଲମିଆ ବିଦ୍ୟା ମନ୍ଦିର ସିଇଓ ଡ଼ ରୋସେଟା ୱେଲିଅମ୍ସ ଏବଂ ଡିଭିଏମ୍ ରାଜଗାଙ୍ଗପୁର ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ କର ନୀଲେଶ ପାଢୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରି ଜୀବନରେ ଆଗକୁ ବଢିବାକୁ ଆଶୀର୍ବାଦ ଦେଇଥିଲେ।

# ଅଠରଗଡ଼ ଫୁଲମାଳି ସମାଜର ବାର୍ଷିକ ମହୋତ୍ସବ

ଲେଫ୍ରିପଡ଼ା,୨୬।୧୨(ଦେଶରଞ୍ଜନ ପଟେଲ)




'ଫୁଲଝୁଡି' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କୁର୍ଗା ଗ୍ରାମରେ ଅଠରଗଡ଼ ଫୁଲମାଳି ସମାଜ ସୁନ୍ଦରଗଡ଼ ମଣ୍ଡଳ ପକ୍ଷରୁ ବାର୍ଷିକ ମହୋତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପ୍ରଥମ ଦିନ ସୁନ୍ଦରଗଡ଼ ମଣ୍ଡଳର ଉପସଭାପତି ରାଜୁ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜର ସଭାପତି ପରସରାମ ପଟେଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବ ଡୋଲାମଣୀ ପଟେଲ, ସମାଜର ପଦାଧିକାରୀ ଭି. ଚରଣ ପଟେଲ, ଯଦୁମଣୀ ପଟେଲ ପ୍ରମୁଖଙ୍କ ସମେତ ସମାଜର ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ସମାଜର ଇଷ୍ଟ ଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର 'ଫୁଲଝୁଡି' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରେ ସମାଜର ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କ ମଧ୍ୟରେ ସବଜୁନିୟର, ଜୁନିୟର ଏବଂ ସିନିୟର ଭାବେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ସମାଜର ପିଲାଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନ ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଯୋଗଦାନ କରି ସମାଜକୁ ସୁଦୃଢ଼ କରିବା ଦିଗରେ ସମସ୍ତ ବ୍ୟକ୍ତି ବିଶେଷଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜର ସାହାଯ୍ୟକାରୀ ସଭାପତି ଦୀନବନ୍ଧୁ ପଟେଲ, ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ, ଟଙ୍କଧର ମାଝି, ଛଟେନପାଲି ଡ଼ିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟଭାଗରେ ପୂର୍ବତନ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରତିଯୋଗିତା ସବୁ ଅନନ୍ତ ପାଣ୍ଡେ, ରାଧାରମଣ ପଟେଲ, ଫିରୋଜ କୁମାର ପଟେଲ, ଲଳିତ ପଟେଲ, ସଜନ ନାଏକ, ଜଗନ୍ନାଥ ଠାକୁର ଅହଲ୍ୟା ପଟେଲ, ଆଶା ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ କୃତୀ ଛାତ୍ରୀଛାତ୍ର ଏବଂ ମହିଳାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଞ୍ଚଳାଧିକାରୀ ଅନନ୍ତରାମ ପଟେଲ, ଡୋଲାମଣୀ ପାଣ୍ଡେ, ଗାଦୀ ସରପଞ୍ଚ ସଂକୀର୍ତ୍ତନ ପଟେଲ, ପବିତ୍ର ମୋହନ ନାଏକ, ଅଶୋକ ପଟେଲ, ଦେଶରଞ୍ଜନ ପଟେଲ, ପୌଲସ୍ତି ପାଣ୍ଡେ, ରାମଜୀ ପଟେଲ, ହେମନ୍ତ ପଟେଲ, କୁର୍ଗା ଗ୍ରାମର ତରଣୀ ସେନ ପଟେଲ, ପିତାମ୍ବର ପଟେଲ, ଶଶୀଭୁଷଣ ନାଏକ, ଟଙ୍କଧର ପଟେଲ ପ୍ରମୁଖ ପଦାଧିକାରୀ ସହ ସୁନ୍ଦରଗଡ଼ ମଣ୍ଡଳର ଜାତିଭାଇଙ୍କ ସହଯୋଗ କ୍ରମେ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ସୁନ୍ଦରଗଡ଼ ସମ୍ବଲପୁର, ଝାରସୁଗୁଡା ବରଗଡ଼, ଏବଂ ଛତିଶଗଡ ଅଞ୍ଚଳର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ**

**ବିଜ୍ଞାପନ**

ପତ୍ର ସଂଖ୍ୟା-୧୪୮୪୯/ଅ. ତା.୨୨.୧୨.୨୩

No.D-ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା-ସ୍ୱର୍ଗତ ଉମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ କଟକ ଜିଲ୍ଲା ପଢାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା-ଜଗନ୍ନାଥ ବେହେରା, ସା-ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ

OIPR-36008/11/0003/2324 ସ୍ୱା./-ଅବକାରୀ ଅଧୀକ୍ଷକ, କଟକ

**DISTRICT SPORTS OFFICE, SUNDARGARH**

**(QUOTATION CALL NOTICE)**

**No. 930** **Date: 16.12.2023**

Sealed quotations are invited from the intending Travel Agency/Car Owner for hiring of one No. of Private Vehicle (TUV-300/Bolero/Sumo Gold/Ertiga) for use in District Sports Office, Sundargarh. The details of prescribed form with term & condition (Annexure - A & B) are available in district website **www.sundargarh.nic.in** and District Sports Office, Sundargarh. The quotation should reach to the undersigned by Regd. Post only on Dated 28.12.2023 at 4 P.M. and same will be opened on the same day at 5 P.M. in the Office Chamber of ADM, Sundargarh.

**Sd./- District Sports Officer, Sundargarh**

# ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା: ରାଜ୍ୟପାଳ

ବରଗଡ଼/ସୋହେଲା/ସରଣ୍ଡା,୨୬।୧୨ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର/ଯୁଧିଷ୍ଠିର ମହାପାତ୍ର)

ବିକାଶ କିମ୍ବା ବିଭିନ୍ନ ସମସ୍ୟାର ସମାଧାନ କେବଳ ସରକାରଙ୍କ ଉପରେ ଛାଡ଼ିଦେବା ଠିକ୍ ନୁହେଁ । ଏଥିପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲ ମଙ୍ଗଳବାର ରାଜ୍ୟପାଳ ରଘୁବର ଦାସ ବରଗଡ଼ ଜିଲା ଗସ୍ତରେ ଆସି ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଭାବ ବିନିମୟ ସମୟରେ କହିଛନ୍ତି। ସେହିପରି ନିଶାମୁକ୍ତ ଭାରତ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟପାଳ ଦାସ ଆହୁରି କହିଥିଲେ, ଆମ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ଡ୍ରପ୍ ଆଉଟ୍ ପ୍ରତିଶତ ଅନ୍ୟ ରାଜ୍ୟ ତୁଳନାରେ ଅଧିକ। ଏଥିପାଇଁ ଅଭିଭାବିକା, ଅଭିଭାବକମାନେ ସଚେତନ ହେବାର ଆବଶ୍ୟକତା ରହିଛି। କୃଷିକ୍ଷେତ୍ରରେ ପି.ଏମ୍ କିଷାନ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିବାବେଳେ ଛାତ୍ରୀଛାତ୍ର, ଚାଷୀ, କଳାକାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବରିଷ୍ଠ ନାଗରିକଙ୍କ ସାମାଜିକ ଭତ୍ତା ବୃଦ୍ଧି ଉପରେ ସେ ଉଲ୍ଲେଖ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ସହିତ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକରେ ବିଦ୍ୟୁତ ବିଲ୍ ଛାଡ଼ ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅବସରପ୍ରାପ୍ତ ସୈନିକ ଆଶିଷ ପ୍ରଧାନ ଚାକିରି କ୍ଷେତ୍ରରେ ଓଡ଼ିଶାରେ ଏକ୍ସ ମିଲିଟାରୀମାନଙ୍କ ପାଇଁ ରହିଥିବା ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ଉପସ୍ଥାପନ କରିଥିଲେ।

ପ୍ରଥମେ ରାଜ୍ୟପାଳ ସମ୍ବଲପୁର ଜିଲା ବୁର୍ଲାରୁ ସଡ଼କପଥରେ ଆସି ଅତାବିରାରେ ପହଞ୍ଚିଥିଲେ। ସେଠାରେ ସେ ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତା, ସଦସ୍ୟାଙ୍କ ସହିତ ଭାବ ବିନିମୟ କରିଥିଲେ। ପରେ ସେ ଚାଷୀଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ପ୍ରତିନିଧିମାନେ ରାଜ୍ୟପାଳଙ୍କ ସହିତ କୃଷି, କୃଷକଙ୍କ ସମସ୍ୟା ନେଇ ଆଲୋଚନା କରିବା ସହିତ ତାଙ୍କୁ ୯ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଜିଲାପାଳ ମୋନିଷା ବାନାର୍ଜୀ ଉପସ୍ଥିତ ଥିଲେ। ଏହାପରେ ରାଜ୍ୟପାଳ ବରଗଡ଼ ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରୁ ସେ ସୋହେଲା ବ୍ଲକ ଲେବିଡ଼ି ଉଚ୍ଚବିଦ୍ୟାଳୟକୁ ଯାଇ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଏହି ସମୟରେ ସ୍କୁଲର ନବନିର୍ମିତ ଅଶୋକ ସ୍ତମ୍ଭକୁ ସେ ଅନାବରଣ କରିଥିଲେ। ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ଯୋଗଦେଇ ସାମଗ୍ରିକ ବିକାଶରେ ଶିକ୍ଷା ସବୁଠାରୁ ବଡ଼ ଅସ୍ତ୍ର ବୋଲ ରାଜ୍ୟପାଳ କହିଥିଲେ। ପ୍ରଧାନ ଶିକ୍ଷକ ରଥ ଶିକ୍ଷା ସ୍ୱାଗତ ଭାଷଣ ଏବଂ ସହକାରୀ ଶିକ୍ଷକ ଯୋଗେଶ୍ୱର ପ୍ରଧାନ ସଭା ପରିଚାଳନା କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସେ ପଦ୍ମପୁର ଓ ପାଇକମାଳ ବ୍ଲକରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣି ବରଗଡ଼ ସର୍କିଟ୍ ହାଉସ୍‌କୁ ଫେରିଥିଲେ ଏବଂ ସେଠାରେ ରାଜ୍ୟପାଳ ରାତ୍ରି ରହଣୀ କରିଥିଲେ।



ଅତାବିରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ସ୍ୱାଭିମାନ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ସମ୍ବଲପୁର,୨୬।୧୨ (ଭବାନୀ ଶଙ୍କର ଭୋଇ): ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ସୋମବାର ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ସାମାଜିକ ସଂଗଠନ ସ୍ୱାଭିମାନ ପକ୍ଷରୁ ତାଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ମହାନଦୀ ଉପରେ ବ୍ୟାରେଜ ନର୍ମାଣ, ମହାନଦୀର ଦ୍ୱିତୀୟ ସେତୁ ନିକଟ ଚାଉଁରପୁରଠାରୁ ମୁଣ୍ଡୋଘାଟ ପର୍ଯ୍ୟନ୍ତ ରିଂରୋଡ଼ ନିର୍ମାଣ, ମୁଣ୍ଡୋଘାଟରୁ ପାୱାର ଚାନେଲ ରାସ୍ତାରେ ଜାତୀୟ ରାଜପଥକୁ ସଂଯୋଗ ଆଦି ଉଲ୍ଲେଖ କରାଯାଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଜାତୀୟ ରାଜପଥର ଅଇଁଠାପାଲି ଛକ ଓ ତଳି ଛକ ଦେଇ ଏକ ଫ୍ଲାଇଓଭର ନିର୍ମାଣ ଆଦି ଉଲ୍ଲେଖ ରହଛି। ଏହିସବୁ ସମସ୍ୟା ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନର ଶିଶର ବହିଦାର, ଅପୂର୍ବ ନାଏକ, ସତ୍ୟବାନ ବାଗ, ସଞ୍ଜିବ କଂସାରୀ, କୁନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମର ବାର୍ଷିକ ଉତ୍ସବ

ସମ୍ବଲପୁର,୨୬।୧୨ (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଗୋପାଳମାଳସ୍ଥିତ ଶ୍ରୀ ଶ୍ରୀ ହରିହରାନନ୍ଦ ଆଶ୍ରମର ୩୩ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଦ୍‌ଗୁରୁଦେବ ପରମହଂସ ଗିରି ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଆଶ୍ରମ କ୍ରିୟାଯୋଗ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ବାର୍ଷିକ ଉତ୍ସବ ଅବସରରେ କ୍ରିୟାଯଜ୍ଞ, ଘୃତଯଜ୍ଞ, ଜ୍ଞାନଯଜ୍ଞ, ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସ୍ୱାମୀ ଦେବପ୍ରିୟାନନ୍ଦ ଓ ସ୍ୱାମୀ ଶ୍ରୀକୃଷ୍ଣାନନ୍ଦ ପ୍ରବଚନ ମାଧ୍ୟମରେ ଗୁରୁତତ୍ତ୍ୱ, କ୍ରିୟାଯୋଗ ଓ ଆଧ୍ୟାତ୍ମିକ ମାର୍ଗ ଦ୍ୱାରା ମନୁଷ୍ୟ କିପରି ଭଗବତ ପ୍ରାପ୍ତି କରିପାରିବେ ତାହା ବୁଝାଇଥିଲେ। ଏଥିରେ ସମ୍ବଲପୁର ଓ ଅନ୍ୟ ଜିଲାରୁ ଶତାଧିକ ଭକ୍ତ ସାମିଲ ହୋଇଥିଲେ।

### ବିଜୟାନନ୍ଦ ପୃଷ୍ଟେଠ୍ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ସଭ୍ୟ ନିଯୁକ୍ତ

ସମ୍ବଲପୁର,୨୬।୧୨(ପ୍ରମୋଦ ବହିଦାର): ସମ୍ବଲପୁର ଜିଲା କୁଚିଣ୍ଡାର ବିଜୟାନନ୍ଦ



ପୃଷ୍ଟେଠ୍ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ସଭ୍ୟ ନିଯୁକ୍ତ ହୋଇଛନ୍ତି। ସେ ଆସନ୍ତା ୪ବର୍ଷ ପାଇଁ ଏହି ପଦବୀରେ ରହିବେ। ଖବର ପ୍ରଚାରିତ ହେବା ପରେ କୁଚିଣ୍ଡା ଓ ସମ୍ବଲପୁରର ତାଙ୍କ ବନ୍ଧୁ ପରିଜନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଜୟାନନ୍ଦ କୁଚିଣ୍ଡାରେ ପ୍ରାଥମିକ ଶିକ୍ଷାପରେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲରୁ ମାଟ୍ରିକ୍ ଓ ସମ୍ବଲପୁରର ତତ୍କାଳୀନ ଗଙ୍ଗାଧର ମେହେର କଲେଜ, କଟକ ରେଭେନ୍ସା କଲେଜ ଓ ପରେ ନୂଆଦିଲ୍ଲୀର ଜବାହରଲାଲ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଏଠାରୁ ଡିଗ୍ରୀ ହାସଲ ପରେ ସେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେ ସମ୍ବଲପୁର ଓ କଟକ ସହିତ ମୁମ୍ବାଇ, କୋଲକାତା, ଚେନ୍ନାଇ, ରାୟପୁର, ବଡ଼ୋଦ୍ରା ଆଦି ସ୍ଥାନରେ ବରିଷ୍ଠ ଆୟକର ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଏହାସହ ସେ ଭାରତୀୟ ରିଜର୍ଭ ବ୍ୟାଙ୍କରେ ମଧ୍ୟ ଏଜିଏମ୍ ପଦବୀରେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ମୁମ୍ବାଇର ଆୟକର ମୁଖ୍ୟଆୟୁକ୍ତ ଭାବେ ସେ ଆୟକର ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ପରିଚାଳନା କରିଥିଲେ। ଚଳିତବର୍ଷ ସେ ଏହି ପଦବୀରୁ ଅବସର ଗ୍ରହଣ କରିଥିଲେ।

### ବିଜେଡି ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

କଣ୍ଟାବାଞ୍ଜି, ୨୬।୧୨(ଗୁରୁଦୟାଲ ହଂସ)

ବିଜେଡି ପ୍ରତିଷ୍ଠା ଦିବସରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡିସାଧାରଣ ସମ୍ପାଦକ ଫିରୋଜ ଖାନ, ବରିଷ୍ଠ ନେତା ଅଜୟ ଦାଶ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଗୋପା ମହାନନ୍ଦ, ଜିଲା ଯୁବା ମୋର୍ଚ୍ଚା ସମ୍ପାଦକ ଦେବରାଜ ଯାଦବ, ନଗର ସଭାପତି ଦେବାର ବାରିକ ଓ ବହୁ କର୍ମୀ ଯୋଗଦେଇଥିଲେ। ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୪୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ବିଜେଡି ପକ୍ଷରୁ ସହାୟତା

ସମ୍ବଲପୁର,୨୬।୧୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୩୫ ଗୋବିନ୍ଦତୋଲାରେ ଅସହାୟ ଭାବେ ଜୀବନ ନିର୍ବାହ କରୁଥିବା ଦୃଷ୍ଟିହୀନ ଅହଲ୍ୟା ରାଉତ ଓ ତାଙ୍କ ସ୍ୱାମୀ ରାମେଶ୍ୱର ଭୋଇଙ୍କୁ ସୋମବାର ରାତିରେ ବିଜେଡି ପକ୍ଷରୁ ସହାୟତା କରାଯାଇଛି। ଅହଲ୍ୟା ଗର୍ଭବତୀ ଥିବା ବେଳେ ଶୀତଦିନରେ ଅନେକ କଷ୍ଟରେ ରହୁଥିଲେ। ଖବର ପାଇ ବିଜେଡି ନେତା ହରଦୀପ ସିଂ ଭୁର୍ଜି ତାଙ୍କ ଘରେ ପହଞ୍ଚି ଫୋଲ୍ଡିଂ ବେଡ, ରାଶନ ସାମଗ୍ରୀ, ଶୀତବସ୍ତ୍ର ଆଦି ପ୍ରଦାନ କରିଥିଲେ। ଏହାସହ ଭବିଷ୍ୟତରେ କୌଣସି ଅସୁବିଧା ହେଲେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ସଞ୍ଜୀବ ପଟ୍ଟନାୟକ, ସବିନୟ ପୂଜାରୀ, ନବୀନ ପଣ୍ଡା, ହରିହର ପାଣି, ହରେକୃଷ୍ଣ ସରାଫ, ମହିଳା ନେତ୍ରୀ କୁନୀ ହାତୀ, ସୁରେଖା ସାହୁ, ପୁଷ୍ପାଞ୍ଜଳି ସାହୁ, ଯଜ୍ଞାସୁନୀ ସୁନାର, ମଞ୍ଜୁ ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କୃଷି ମହୋତ୍ସବ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର,୨୬।୧୨(ପ୍ରମୋଦ ବହିଦାର)

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ମନ୍ଦଲିଆ ପଡିଆରେ ୫ ଦିନିଆ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଆରମ୍ଭ ହୋଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ସିଂଙ୍କ ସଭାପତିତ୍ୱ କରି ମେଳାରେ ଉପଲବ୍ଧ ବିଭିନ୍ନ ଉନ୍ନତମାନର କୃଷି ଯନ୍ତ୍ରପାତି କ୍ରୟ ମୂଲ୍ୟ ଉପରେ ଉପଲବ୍ଧ ରିହାତି ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ

**ଉନ୍ନତମାନର କୃଷି ଯନ୍ତ୍ରପାତି ପ୍ରଦର୍ଶିତ**

ଅବଗତ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ସମ୍ବଲପୁରଠାରେ ଏକ ଧାନ ଗେବେଷଣା ପ୍ରତିଷ୍ଠାନ ସ୍ଥାପନ ପାଇଁ ଦାବି କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, କାଳିଆ ଯୋଜନା ଉପଦେଷ୍ଟା ତଥା ସମ୍ବଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ସଞ୍ଜୟ ବାବୁ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ଆବାହକ ତଥା ବରିଷ୍ଠ ଚାଷୀନେତା ଅଶୋକ ପ୍ରଧାନ ଓ ସମ୍ବଲପୁର ଜିଲା କୃଷକ ସଂଗଠନର ସଭାପତି ଉମେଶ ମିଶ୍ର ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିକାଶ ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। କୃଷି ଯନ୍ତ୍ରପାତି ମେଳାକୁ ଅତିଥିବୃନ୍ଦ ପରିଦର୍ଶନ କରି ଏଥିରେ ଯୋଗଦେଇଥିବା ଅଧିକୃତ ବିକେତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର ସଫଳ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭା ପ୍ରାରମ୍ଭରେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ ପୂର୍ବକ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା।

## ଜାନୁୟାରୀ ୨୯ରୁ ଫେବୃୟାରୀ ୨ ଯାଏଁ ଖଡ଼ିଆଳ ମହୋତ୍ସବ

ଖଡ଼ିଆଳ,୨୬।୧୨(ସୁଜିତ୍ କୁମାର ପ୍ରଧାନ)

ଜାନୁୟାରୀ ୩୦ରୁ ଫେବୃୟାରୀ ୩ ତାରିଖ ଯାଏଁ ଖଡ଼ିଆଳ ମହୋତ୍ସବ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ଏବେ ଏହା ଜାନୁୟାରୀ ୨୯ରୁ ଫେବୃୟାରୀ ୨ ଯାଏଁ ପାଳନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଶେଷ କରି ଫେବୃୟାରୀ ୩ ତାରିଖରେ ଖଡ଼ିଆଳ ମହୋତ୍ସବର ଷ୍ଟାର ନାଇଟ କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ବଲିଉଡର ଗାୟକ ସୁରେଶ ୱାଡେକର ଏବଂ ଗାୟିକା କବିତା କ୍ରିଷ୍ଣାମୂର୍ତ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ତେବେ ଉକ୍ତ ଦିନ ବମ୍ବେରେ ଏକ କାର୍ଯ୍ୟକ୍ରମରେ ସୁରେଶ ୱାଡେକରଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମ ଥିବା ବେଳେ ୱାଡ଼େକର ଆସି ପାରିବେ ନାହିଁ ଏଣୁ ଏ ବିଷୟରେ ବିଷଦ ଭାବେ ଆଲୋଚନା ହେବା ସହ ଆୟୋଜନ ତାରିଖରେ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ଜାନୁୟାରୀ ୩୦ରୁ ଫେବୟାରୀ ୩ ତାରିଖ ପରିବର୍ତ୍ତେ ଜାନୁୟାରୀ ୨୯ରୁ ଫେବୃୟାରୀ ୨ ତାରିଖ ଯାଏଁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ୩ ଦିନ ଧରି ରାଜ୍ୟ ତଥା ରାଜ୍ୟ ବାହାର ସାଂସ୍କୃତିକ ଦଳ ଯୋଗଦେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା କାର୍ଯ୍ୟକ୍ରମ ଥିବା ବେଳେ ମହୋତ୍ସବ ୩ ନମ୍ବର ଦିନରେ ସମ୍ବଲପୁରୀ ଅର୍କେଷ୍ଟ୍ରା ସହ ଉଦଯାପନୀ ଦିନରେ ଷ୍ଟାର ନାଇଟ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିର ହୋଇଛି। ବୈଠକରେ ମହୋତ୍ସବ ପାଳନ କମିଟି ଉପଦେଷ୍ଟା ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ସମ୍ପାଦକ ସୁନୀଲ ସାହୁ, ଉପସଭାପତି ସୁଶାନ୍ତ ତାଣ୍ଡି, ଗିରିଧାରୀ ବିଭାର, ଭୋଦେବ ସାହୁ, ଅମୁଲ୍ୟ ବାରିକ, ଅଶୋକ ବାରିକ, ସୁରେନ୍ଦ୍ର କୁମାରଙ୍କ ସମେତ ମହୋତ୍ସବ ପାଳନ କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରୀ ଭାଷା ଏକାଡେମୀ ପକ୍ଷରୁ ସମ୍ବଲପୁରୀ ସପ୍ତାହ

ସମ୍ବଲପୁର,୨୬।୧୨ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକର ବିଶାଲଖିଣ୍ଡାଠାରେ ସମ୍ବଲପୁରୀ ଭାଷା ଏକାଡ଼େମୀ ପକ୍ଷରୁ ସୋମବାର ସମ୍ବଲପୁରୀ ସପ୍ତାହ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଅଜିତ ରଥ ମା' ସମଲେଇଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ସମ୍ବଲପୁରୀ ଲିପି ଶିକ୍ଷା ଦିଆଯାଇଥିଲା। ଭାଷା ଏକାଡେମୀ ଅଧ୍ୟକ୍ଷ ହେମକାନ୍ତ ସାହୁ ପିଲାମାନଙ୍କୁ ସମ୍ବଲପୁରୀ ଲିପି ବିଷୟରେ ଅବଗତ କରିଥିଲେ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ ସପ୍ତାହ ପାଳନ ହେବ। ବୁଧବାର ଧରାଗୁଡ୍ଡୁ, ବହୁଗୁଡ୍ଡୁ, କେଳି, ବାଟି, ଗେଡ଼ିଡାଙ୍ଗ୍, ଛିଲୋଲାଇ, ହୁମୋ, ଖୁମ୍ବାମାଲୋ, ରସିଡେଗାନି,ମଲ୍ଲାଚଲାତି ଆଦି ସମ୍ବଲପୁରୀ ପାରମ୍ପରିକ ଖେଳ ଉପରେ ପିଲାଙ୍କୁ ଶିକ୍ଷା ଦିଆଯିବ। ଗୁରୁବାର ସମଲପୁରୀ ଲୋକ କଥା, ଶୁକ୍ରବାର ସମଲପୁରୀ ସଂସ୍କୃତି ଉପରେ ପାଲା, କୀର୍ତ୍ତନ, କୃଷ୍ଣଗୁରୁ, ସଞ୍ଚାର, ଯାତରା, ଆଦି ବିଷୟରେ ଛାତ୍ରୀଛାତ୍ରଙ୍କୁ ଜ୍ଞାନ ଦିଆଯିବ। ଶନିବାର ସମ୍ବଲପୁରୀ କବିତା ପାଠ କରାଯିବାକୁ ଥିବାବେଳେ ରବିବାର ସମ୍ବଲପୁରୀ ନାଟକ ଉପରେ ଆଲୋଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡ଼େମୀ ପକ୍ଷରୁ କୁହାଯାଇଛି।

## ସ୍କୁଲ ବେଳର ସ୍ମୃତି ମନେ ପକାଇଲେ




ଡୁଙ୍ଗୁରିପାଲି,୨୬।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବେହେରାମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୯ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ଅନେକ ପୁରାତନ ଛାତ୍ରୀଛାତ୍ର ତଥା ଶିକ୍ଷକଙ୍କ ସମାବେଶ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ, ପୂର୍ବତନ ଇଂରାଜୀ ଶିକ୍ଷକ ଦେବାନନ୍ଦ ମିଶ୍ର, ସଂସ୍କୃତ ଶିକ୍ଷକ ଶ୍ୟାମସୁନ୍ଦର ସାହୁ, ହିନ୍ଦୀ ଶିକ୍ଷକ ଜୟକୃଷ୍ଣ ମିଶ୍ର, ଖେଳ ଶିକ୍ଷକ ମୁକ୍ତେଶର ପଧାନ, ବର୍ତ୍ତମାନ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକ ହୃଷୀକେଶ ଭୋଇ, ଅବସରପ୍ରାପ୍ତ କର୍ମଚାରୀ ବିଦେଶୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉକ୍ତ ବ୍ୟାଚର ଛାତ୍ର ତଥା ଯୁବ ଅଧ୍ୟାପକ ତପନ କୁମାର ଡୁଙ୍ଗୁରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ପୂର୍ବତନ ଛାତ୍ରୀ ବିନୁଶ୍ରୀ ପଧାନ ଛାତ୍ର ଜୀବନରେ ବିତି ଯାଇଥିବା ଅଭୁଲା ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍କୁଲ ପରିସରରେ ଥିବା ଅଳିଆ ଆବର୍ଜନାକୁ ଛାତ୍ରୀଛାତ୍ରମାନେ ଏକାଠି ହୋଇ ସଫେଇ କରିଥିଲେ । ସ୍ୱଚ୍ଛତା ପରିବେଶ ସୁରକ୍ଷାରେ ମୁଖ୍ୟ ଭୂମିକା ନେଇଥାଏ ବୋଲି ବାର୍ତ୍ତା ଦେଇ ଏ ନେଇ ସଚେତନତା ସୃଷ୍ଟି କରିଥିଲେ । ବନ୍ଧୁ ମିଳନ ଉତ୍ସବରେ ରଜତ ପଧାନ, ରିଙ୍କି ସାହୁ, ମିନି ମେହେର, ଯାଜ୍ଞସିନୀ ମେହେର, ତନୁଶ୍ରୀ ରଥ, ସ୍ୱପ୍ନା ପଧାନ, ଲତା ନାଏକ, ମାମି ନାଏକ, ସତ୍ୟବତୀ ନାଏକ, ମଞ୍ଜୁଲତା ନାଗ, ଗୀତା ବାଗ, ମମିତା ଭୁଏ, ସୁମନ୍ତ ପଧାନ, ପୂର୍ଣ୍ଣଚନ୍ଦ୍ର ପୋଢ, କୁମୁଦ ରଞ୍ଜନ ନାଏକ, ଆନନ୍ଦ ଛଚାନ, କମଳାକାନ୍ତ ନାଏକ, ଯୋଗେଶ ପାଣ୍ଡେ, ଗୋବର୍ଦ୍ଧନ ଭୁଏ, ସୁମନ୍ତ ଡୁଙ୍ଗୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୃହସ୍ଥୀର ୪୮ତମ ପ୍ରତିଷ୍ଠା ଦିବସ ପାଳିତ | ଶୁଦ୍ଧତା, ଗୁଣବତ୍ତା ପାଇଁ ପରିଚିତ

ରାଉରକେଲା,୨୬।୧୨(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ମଙ୍ଗଳବାର ୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଉଦ୍ୟୋଗର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଗଣେଶ ବାଗେଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗୋମାତାଙ୍କ କୃପା ଓ ଗୃହସ୍ଥୀର ଶୁଦ୍ଧତା ସହ ଗୁଣବତ୍ତା ପାଇଁ ଆଜି ଘରେ ଘରେ ଗୃହସ୍ଥୀ ମସଲା ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟ ଅତିଥି ବାଗେଡିଆ ମତପ୍ରକାଶ କରିଥିଲେ। ଗୃହସ୍ଥୀର ପରିଚାଳନା ନିର୍ଦ୍ଦେଶକ ଗୋକୁଲ ଆନନ୍ଦ ବାଗେଡିଆ, ପରିଚାଳନା ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସୋୟା ଚଙ୍କ, ଭର୍ମିସେଲ, ପାସ୍ତା, ଆସାଫାଏଟିଡା, ସାଫ୍ରନ ଆଦି ୫ଟି ନୂତନ ପ୍ରଡକ୍ଟର ଲୋକାର୍ପଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କମ୍ପାନୀର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦିଶା ବାରିକ ଓ ଶୁଭଶ୍ରୀ ରାୟ ମଞ୍ଚ ପରିଚାଳନା କରିଥିଲେ। ଜିଏମ୍ (ଏଚ୍ଆର୍) ଶୁଭଶ୍ରୀ ବିଶ୍ୱାଳ, ଟି. ପୁରୁଷୋତ୍ତମ, କିରଣ ସ୍ୱାଇଁ, ରତନଲାଲ କଂସାରୀ, ପ୍ରଫୁଲ ପାତ୍ର, ମୁକେଶ ଠାକୁର, ଭବାନୀ ବଡ଼ିଆ, ପ୍ରଦୀପ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଉଛି।

## ବିଜେଡିରେ ସାମିଲ ହେଲେ ବହୁ ନେତା


ବୌଦ୍ଧରେ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀ ଓ ଅନ୍ୟମାନେ ।

ବୌଦ୍ଧ,୨୬।୧୨(ଅଜିତ କୁମାର ବାରିକ)

ବୌଦ୍ଧରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ସହରର ଟାଉନହଲ ଭିକାରୀ କଳାମଣ୍ଡପଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ଏକ ବିରାଟ ମୋଟର ସାଇକେଲ ରାଲି ବୌଦ୍ଧ ସହରର ବ୍ରିଜ ଛକଠାରୁ ବାହାରି ଭିକାରୀ କଳାମଣ୍ଡପଠାରେ ପହଞ୍ଚିବା ପରେ ସେଠାରେ ଜିଲା ବିଜେଡି ଉପସଭାପତି ପ୍ରଦୀପ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଲୋକ ସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ମନ୍ତ୍ରୀ ଅମାତ କହିଥିଲେ ବିଜେଡି ସରକାର ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା , ଗମନାଗମନ ଓ ପାନୀୟ ଜଳ ଆଦି କ୍ଷେତ୍ରରେ ବୌଦ୍ଧର ବିକାଶ ଘଟିଛି । ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟ ଆସନ୍ତା ଫେବୃୟାରୀ ମାସରେ ଶେଷ ହେବା ସହ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧଗଡ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଅମାତଙ୍କ ଉପସ୍ଥିତିରେ ହରଭଙ୍ଗା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପଙ୍କଜ କୁମାର ସାହୁ, ତେଲିବନ୍ଧର ପୂର୍ବତନ ସରପଞ୍ଚ ତ୍ରିପୁରାରୀ ମହାକୁଡ, ଦାମ ବର୍ଗାଡ଼ି, ଅଶୋକ ମେଣ୍ଡିଲି, ପ୍ରଦୀପ ନାଏକଙ୍କ ସମେତ ବହୁ ନେତା ବିଜେଡିରେ ସାମିଲ ହୋଇଥିଲେ ।

# ପ୍ରତିଷ୍ଠା ଦିବସରେ ବିଜୟ ମନ୍ତ୍ର ଫୁଙ୍କିଲେ ନେତୃବୃନ୍ଦ

- ସୋନପୁର, ତରଭା ଓ ଡୁଙ୍ଗୁରିପାଲିରେ ଗଣଦୌଡ଼
- ନବୀନ ଓଡିଶା ଗଠନର ଶପଥ ନେଲେ

ସୋନପୁର,୨୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ବିଜୁ ଜନତା ଦଳ ମଙ୍ଗଳବାର ପାଳନ କରିଛି ୨୭ତମ ପ୍ରତିଷ୍ଠା ଦିବସ । ଏହି ଅବସରରେ ସୋନପୁର ନୂତନ ଟାଉନ ହଲଠାରେ ସୁବର୍ଣ୍ଣପୁର ଜିଲା ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ସମାରୋହ ଆୟୋଜନ ହୋଇଥିଲା। ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଦଳୀୟ କର୍ମୀମାନେ ଲୋକଙ୍କ ପାଖକୁ ଯାଇ ବିକାଶର ବାର୍ତ୍ତା ପହଞ୍ଚାଇବାକୁ ପୂଜାରୀ ଆହ୍ୱାନ କରିଥିଲେ । ସମାରୋହରେ ବିଜେଡି ଜିଲା ସଭାପତି କମ୍ପ କହିଥିଲେ, ଏବର୍ଷ ଦଳ ପାଇଁ ଆହ୍ୱାନର ବର୍ଷ । ନିର୍ବାଚନ ମୁଣ୍ଡ ଉପରେ। ତେଣୁ ମିଶନ ୨୦୨୪କୁ ନେଇ ଆମକୁ କାମ କରିବାକୁ ପଡିବ । ଏହି ଅବସରରେ ଦଳୀୟ ନେତା ଓ କର୍ମୀ ସଶକ୍ତ, ସମୃଦ୍ଧ ଓ ସ୍ୱାଭିମାନୀ ନବୀନ ଓଡିଶା ଗଠନର ଶପଥ ନେଇଥିଲେ । ସମାରୋହରେ ଅଭିମନ୍ୟୁ କୁଶଳ, କଇରୁ ସ୍ୱାଇଁ, ରମେଶ ପୂଜାରୀ, ପ୍ରକାଶ ସାହୁ, ପ୍ରହଲ୍ଲାଦ ନାୟକ, ନୀଳାମ୍ବର ଶତପଥୀ, କରମଚାନ୍ଦ ମହାନ୍ତି, ପ୍ରଭାତ ପାତ୍ର, ମଧୁସୂଦନ ଓତା, ଜନ୍ମେଜୟ ପାତ୍ର, ଗଗନ ଅଗ୍ରୱାଲ, ଶାସ୍ୱତ କୁମାର ମିଶ୍ର, ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମିନତୀ ସାହୁ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ ଓ ଗୀତାଞ୍ଜଳି ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋନପୁର ନିର୍ବାଚନମଣ୍ଡଳୀର ବିଜେଡିର ସମସ୍ତ ବରିଷ୍ଠ ନେତୃବୃନ୍ଦ, ମହିଳା, ଯୁବକ ଓ ଛାତ୍ର ନେତାଙ୍କ ସମେତ ଦଳ ସମର୍ଥିତ ଜିଲା ପରିଷଦ ସଦସ୍ୟ, କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ସକାଳେ ଦଳର ପ୍ରତିଷ୍ଠା ଦିବସ ଅବସରରେ ସୋନପୁର, ତରଭା ଓ ଡୁଙ୍ଗୁରିପାଲିରେ ଗଣଦୌଡ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ର ଓ ଯୁବକ ସାମିଲ ଥିଲେ।



ସୋନପୁରରେ ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ନେତୃବୃନ୍ଦ ।

## ସଂକ୍ଷେପରେ

### ସାନଭାଇଙ୍କୁ ହତ୍ୟା ଘଟଣା: ଜେଲଗଲେ ବଡ଼ଭାଇ

ଭବାନୀପାଟଣା,୨୬।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ରବିବାର ସାମାନ୍ୟ ବଚସାରୁ ବଡ଼ ଭାଇଙ୍କ ଆକ୍ରମଣରେ ସାନଭାଇଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଭବାନୀପାଟଣା ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୩୩/୨୩) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ବଡ଼ଭାଇ ମହେନ୍ଦ୍ର ବାଗଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଭବାନୀପାଟଣା ସହର ବିବିସିପଡ଼ାର ମହେନ୍ଦ୍ର ବାଗ ଓ ଗଣେଶ ବାଗଙ୍କ ମଧ୍ୟରେ ରବିବାର ବିଳମ୍ବିତ ରାତିରେ ବଚସା ହୋଇଥିଲା। ଏଥିରେ ମହେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ଏକ ପେଚ୍‌କସରେ ସାନଭାଇ ଗଣେଶଙ୍କ ଛାତି ଓ ପେଟରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ଗଣେଶଙ୍କ ମୃତ୍ୟୁ ଘଟିଥିଲା। ପରିବାରବର୍ଗ ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ହତ୍ୟାକାରୀ ମହେନ୍ଦ୍ର ନିଜେ ଭବାନୀପାଟଣା ଟାଉନ ଥାନାକୁ ଆସି ଆତ୍ମସମର୍ପଣ କରିଥିବା ଜଣାପଡିଥିଲା।

### କୁର୍ସୁଡ଼ରେ ସାଂସଦ ଖେଳ ମହୋତ୍ସବ

ଟିଟିଲାଗଡ, ୨୬।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁରସୁଡସ୍ଥିତ ନବନିର୍ମିତ ମିନି ଷ୍ଟାଡିୟମରେ ନୀଳଚକ୍ର ଫୁଟବଲ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ସାଂସଦ ଖେଳ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ଲକ୍ଷ ଟଙ୍କାରେ ନିର୍ମିତ ଏହି ମିନି ଷ୍ଟାଡିୟମକୁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଉଦ୍‌ଘାଟନ ପରେ ଖରିଆର ଓ ଟିଟିଲାଗଡ଼ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଖରିଆର ଦଳ ୨-୦ଗୋଲରେ ବିଜୟୀ ହୋଇଥିଲା। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସଙ୍ଗୀତା ବେହେରା, ଭାଜପା ସାଧାରଣ ସମ୍ପାଦକ ମୁକେଶ କୁମାର ଜୈନ, ମହେନ୍ଦ୍ର ଠାକୁର, ଭାଜପା ୮ ନମ୍ବର ଜୋନ ସଭାପତି ନିମାଇଁ ଚରଣ ବେହେରା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସାହୁ, ଆୟୋଜକ କମିଟି ସଭାପତି ସୁବୋଧ ବେହେରା, ସମ୍ପାଦକ କାହ୍ନା ବେହେରା, ଉପ ସଭାପତି ବିରଞ୍ଚି ବାଗ, ସହ ସମ୍ପାଦକ ଲଛମନ ଜାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ବ୍ଲକ୍ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ସମ୍ମିଳନୀ ପର୍ବ

ଲାଞ୍ଜିଗଡ଼,୨୬।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ସମସ୍ତ ସରପଞ୍ଚ ଓ ସଭ୍ୟାସଭ୍ୟମାନଙ୍କ ଏକ ସମ୍ମିଳନୀ ଟାଙ୍ଗନକଣାଠାରେ ଅନୁଷ୍ଠିତ ହେଇଯାଇଛି। ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଧୁରୁ ମାଝି ଓ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆଁଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, କାନକୁଟରୁ ସମିତି ସଭ୍ୟ ମନୋହର ହରପାଲ, କାନକୁଟରୁ ସରପଞ୍ଚ ବନମାଳୀ ମାଝି, ବସନ୍ତପଡ଼ ସରପଞ୍ଚ ଚାଞ୍ଚେର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ କିପରି ହେବ ସେ ବିଷୟରେ ଆଲୋଚନା ହେଇଥିଲା। ବ୍ଲକର କୌଣସି ସରକାରୀ କର୍ମଚାରି ଜନପ୍ରତିନିଧିଙ୍କ କଥା ଶୁଣୁ ନାହାନ୍ତି କି ଫୋନ କଲେ ବି ଉଠାଉ ନାହାନ୍ତି ସରକାରୀ କର୍ମଚାରୀ। ଅଞ୍ଚଳବାସୀ ଆମକୁ ୫ ବର୍ଷ ବିକାଶ କାମ କରିବା ପାଇଁ ଆମକୁ ନିର୍ବାଚିତ କରି ଆମକୁ ପଠାଇଛନ୍ତି। ଯଦି ସରକାରୀ ବାବୁମାନେ ଆମର କଥା ଶୁଣିବେ ନାହିଁ ତାହେଲେ ଆମେ ଲୋକଙ୍କ କାମ କେମିତି କରିପାରିବୁ ବୋଲି ସରପଞ୍ଚ ସଂଘ ସଭାପତି ତଥା ସମିତି ସଭ୍ୟ ସଂଘର ସଭାପତି ଜଗଦିଶ ବେନିଆ ସମସ୍ତ ଜନପ୍ରତିନିଧି ଅଭିଯୋଗ ଆଣିଛନ୍ତି। କର୍ମୀ ସମ୍ମିଳନୀରେ ବ୍ଲକର ସରକାରୀ ବାବୁଙ୍କ ଉପରେ ବର୍ଷିଥିଲେ ଜନପ୍ରତିନିଧି। କାର୍ଯ୍ୟକ୍ରମରେ ୨୬ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# କୃଷି ମହୋତ୍ସବ, କୃଷିମେଳା ଉଦ୍‌ଘାଟିତ

ନୂଆପଡ଼ା,୨୬।୧୨(ମକାରୁ ବେମାଲ)


ସୁନାବେଡା ମହିଳା ଦଳକୁ ପୁରସ୍କୃତ କରାଯାଉଛି।

ସ୍ଥାନୀୟ ପୋଲିସ ପଡିଆଠାରେ ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଯାଇଛି। ଜିଲା ମୁଖ୍ୟକୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ରାମ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୫ ଦିନ ଧରି ଚାଲିବାକୁ ଥିବା କୃଷି ମହୋତ୍ସବ ଓ କୃଷି ମେଳାରେ ବିଭିନ୍ନ କମ୍ପାନୀ, ମହିଳା ସ୍ୱୟଂ ସହାୟକ ଦଳ, ମିଶନ ଶକ୍ତି ପକ୍ଷରୁ ୭୫ଟି ଷ୍ଟଲ ଲାଗିଛି। ମେଳାରେ କୃଷି ବିଜ୍ଞାନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଭବାନୀପାଟନା, ଭୁବନେଶ୍ୱର, ସମ୍ବଲପୁର କଲେଜର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୃଷି କ୍ଷେତ୍ରରେ ବିଭିନ୍ନ ଚାଷ କରି କୃତକାର୍ଯ୍ୟ ହୋଇଥିବା କୃଷକ, ମହିଳା ସ୍ୱୟଂ ସହାୟକ ଦଳକୁ ପୁରସ୍କୃତ କରାଯାଇଥିଲା। ସୁନାବେଡା ଅଭୟାରଣ୍ୟ ଭିତରେ ଷ୍ଟ୍ରବେରୀ ଚାଷ କରି ଜିଲା ତଥା ବିଭିନ୍ନ ରାଜ୍ୟକୁ ପରିବହନ କରି ବେଶ ଚର୍ଚ୍ଚାରେ ଆସିବା ସହ ନିଜେ ରୋଜଗାରକ୍ଷମ ହୋଇ ଅନ୍ୟଙ୍କୁ ରୋଜଗାରର ଉତ୍ସ ଦେଖାଇଥିବା କଲିରାମ ସୁଆରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ଗାଁର ମା' ଧରଣୀ ମହିଳା ସ୍ୱୟଂ ସହାୟକ ଦଳ ଓ ମା ପାର୍ବତୀ ମହିଳା ସ୍ୱୟଂ ସହାୟକ ଦଳ ଚାଷୀଙ୍କୁ ନିଜେ କୃଷିଯନ୍ତ୍ରପାତି ସେବା ଯୋଗାଇ ଆସୁଥିବାରୁ ପୁରସ୍କୃତ ହୋଇଛନ୍ତି। ସେହିପରି କୋମନା ବ୍ଲକର ୧୯ଟି ମହିଳା ସ୍ୱୟଂ ସହାୟକ ଦଳ ମିଲେଟ ଚୂନା କରିବା ଯନ୍ତ୍ର ପ୍ରଦାନ କରାଯାଇଛି। ମା' ମଙ୍ଗଳା ସ୍ୱୟଂ ସହାୟକ ମହିଳା ଦଳକୁ ୫ଟି ଥ୍ରେସର ପ୍ରଦାନ କରାଯାଇଛି। ନୂଆପଡା ବ୍ଲକ ସହକାରୀ କୃଷି ଅଧିକାରୀ ଦୀପାଶ୍ରୀ ମଣ୍ଡଳ, ବ୍ଲକ କୃଷି ଅଧିକାରୀ ଜାଜପୁର ପରେଶ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ପଦ୍ମ ଲୋଚନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ମନ ଜିଣିଲା ନାଟକ କ୍ରିଷ୍ଣା

ଭବାନୀପାଟଣା,୨୬।୧୨(ଉତ୍ତମ କୁମାର ଦାଶ)

**ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

- ଯୁବଶିଳ୍ପୀ ଆଲୋକ ସାହୁ, ନାଟ୍ୟଶିଳ୍ପୀ ବିରଞ୍ଚି ମୁଣ୍ଡ ସମ୍ବର୍ଦ୍ଧିତ

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟକ ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଶିଷ୍ଟ ନାଟ୍ୟକାର ସୋହନଲାଲ ଅଗ୍ରୱାଲ, ବିଶିଷ୍ଟ ନାଟ୍ୟକାର ତଥା ଅଭିନେତା ଉମେଶ ଚନ୍ଦ୍ର ଶତପଥୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ନାଟ୍ୟଶିଳ୍ପୀ ବିରଞ୍ଚି ନାରାୟଣ ମୁଣ୍ଡ ଓ ଯୁବଶିଳ୍ପୀ ଆଲୋକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୋଲକାତା ଇଫଟା ପକ୍ଷରୁ ମଞ୍ଚସ୍ଥ ନାଟକ କ୍ରିଷ୍ଣା ଦର୍ଶକଙ୍କ ମନ ଜିଣିଥିଲା। ଏହି ନାଟକକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦେବାଶିଷ ଦତ୍ତ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଦେବାଶିଷ ଦତ୍ତ, ଦେବଯାନୀ ମୁଖାର୍ଜୀ, ରେଶମା ଦାସ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ କ୍ରିଶାନୁ ବାନାର୍ଜୀ, ଆଲୋକରେ ଅଞ୍ଜିତ ମଜୁମଦାର ସହାୟତା କରିଥିଲେ। ନାଟକଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ପ୍ରଜ୍ଞାପରିମିତା ନାୟକ, ଲିପ୍ସା ମହାରଣା, ତଥାଗତ ମିଶ୍ର, ଶିବଶକ୍ତି ପୁରୋହିତ, ଶୁଭମ ବେହେରା, କେ. ଗୋପିଧର ନାୟର, ଅମରେନ୍ଦ୍ର ମହାନ୍ତି, ପ୍ରିୟଙ୍କା ପଟ୍ଟନାୟକ, ଆର୍ଯ୍ୟା ନାୟକ, ମାନସୀ ନାୟକ, ପୁଷ୍ପାଞ୍ଜଳି ଦୀପ, ସୁଶୀଲ ଆଚାର୍ଯ୍ୟ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ରାମେଶ୍ୱର ତ୍ରିପାଠୀ, ଅବିନାଶ ଅଗସ୍ତି ପ୍ରମୁଖ ସହଯୋଗ କରିଥିଲେ।


ଯୁବଶିଳ୍ପୀ ଆଲୋକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୬ଦଫା ଦାବିରେ ତହସିଲ ଅଫିସ ଘେରାଉ


ତହସିଲ ଅଫିସ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

କଣ୍ଟାବାଞ୍ଜି,୨୬।୧୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଆମ ଆଦମୀ ପାଟି(ଏଏପି) ସଭାପତି ସୁରଥ ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ୧୬ ଦଫା ଦାବି ନେଇ ତହସିଲ ଅଫିସ ଘେରାଉ କରାଯାଇଥିଲା। ତହସିଲ ଅଫିସ ମୁଖ୍ୟ ଫାଟକ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଦଳୀୟ ନେତୃବର୍ଗ ଅଭିଯୋଗ କରିଥିଲେ ଯେ, ସହରରେ ବସବାସ କରୁଥିବା ଘରଡିହହୀନ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ଯୋଗ୍ୟ ପ୍ରମାଣ ପତ୍ର ଏନଏସି ତରଫରୁ ଦିଆଯାଇଥିଲେ ହେଁ ଘର ଡିହ କିମ୍ବା ଘର ଦିଆଯାଇ ନାହିଁ। ତୁରନ୍ତ ସେମାନଙ୍କୁ ଘରଡିହ ସହ ନିର୍ମିତ ଘର ଦିଆଯାଉ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଞ୍ଚଳର ପଟ୍ଟାଦାର ମାନଙ୍କୁ ଯଥାଶୀଘ୍ର ରୟତି ପଟ୍ଟା ଦିଆଯାଉ। ସ୍ଥାନୀୟ ଏନଏସିର ସମସ୍ତ ୧୬ ୱାର୍ଡର ଜନସାଧାରଣଙ୍କୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ, ସମସ୍ତ ସ୍କୁଲରେ ପିଇବା ପାଣି, ଶୌଚାଳୟ, ଖେଳପଡିଆ ବ୍ୟବସ୍ଥା, ପମ୍ପୁ ଜତଲାବର ପୁନଃରୁଦ୍ଧାର, ରାଶନ କାର୍ଡରୁ ବାଦ୍ ହିତାଧିକାରୀଙ୍କୁ ତାଲିକାଭୁକ୍ତ, ସମସ୍ତ ପରିବାରକୁ ୨୦୦ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦେବାକୁ ଆଦି ଦାବି କରାଯାଇଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୬ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାର ରତନଲାଲ ମୁଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା।

### ସରସ୍ୱତୀ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ଜୁନାଗଡ଼,୨୬।୧୨(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗିର୍ଗିଗୁଡା ସରସ୍ୱତୀ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧୀର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ପ୍ରଗତିଅନୁଷ୍ଠାନ ମୁଖ୍ୟ ପରିଚାଳକ ଅଜୟ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ଉପାଧ୍ୟକ୍ଷ ଟଙ୍କଧର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଗଜିନ୍ଦ୍ର ମେହେର, ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ମେହେର ଯୋଗଦେଇ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ବିଦ୍ୟାଳୟର ଅବଦାନ ଉପରେ କହିଥିଲେ। ପ୍ରଧାନାଚାର୍ଯ୍ୟ ବିରଞ୍ଚି ନାରାୟଣ କେବର୍ତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଘନଶ୍ୟାମ ମେହେର ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା,୨୬।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କନ୍‌ଫେରନ୍ସ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପଞ୍ଚାୟତ ସମିତି ଆଖପାଖ ଅଞ୍ଚଳର ବହୁ ଲୋକ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଶିବିରରେ ବାଲସି ଗ୍ରାମପଞ୍ଚାୟତରେ କିଛି କାମ ନ କରି ମିଥ୍ୟା ବିଲ ଭାଉଚର କରି ସରପଞ୍ଚ, କନିଷ୍ଠ ଯନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି। ଏହା ସହିତ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ ପୈଠ କରି ନ ଥିବାରୁ ବହୁ ଦିନ ହେଲା ବାଲସି ଗ୍ରାମରେ ପାନୀୟଜଳ ଯୋଗାଣରେ ଘୋର ସମସ୍ୟା ଦେଖାଦେଇଛି। ବିଭିନ୍ନ ଗ୍ରାମର ପ୍ରତ୍ୟେକ ଛକ ନିକଟରେ ଥିବା ଷ୍ଟ୍ରିଟ ଲାଇଟ ମାସ ମାସ ଜଳୁ ନ ଥିବା ମଧ୍ୟ ଗ୍ରାମବାସୀ ତଥା ବାଲସି ସମିତି ସଭ୍ୟା ଅଭିଯୋଗ କରିଥିବା ଜଣାପଡିଛି। ଶିବିରରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୁଆନ, ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କ ସମେତ ବହୁ ପଦାଧିକାରୀ ଯୋଗଦେଇଥିଲେ। ଏ ସଂକ୍ରାନ୍ତରେ ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ମୁଁ ବାଲସି ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିବି, ସତ୍ୟ ଘଟଣା ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ।

# କାମିଆ ଜାନିଙ୍କ ବିରୋଧରେ ଗଣବିକ୍ଷୋଭ



ସୋନପୁରରେ ଅନୁଷ୍ଠିତ ପ୍ରତିବାଦ ସଭା।

ସୋନପୁର,୨୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ୟୁଟ୍ୟୁବର କାମିଆ ଜାନି ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ସୁବର୍ଣ୍ଣପୁରରେ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ସହରର ବିଜୁ ପଟ୍ଟନାୟକ ଛକଠାରେ ଏହି ଆନ୍ଦୋଳନ ହୋଇଥିଲା। କାମିଆ ପୁରୀ ଶ୍ରୀମନ୍ଦିରରେ ବେଆଇନ ଭାବେ ପ୍ରବେଶ କରି ଜଗନ୍ନାଥଙ୍କ ପ୍ରସାଦ ସେବନର ଭିଡିଓ ବ୍ଲଗ କରି ଶ୍ରୀଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିଛନ୍ତି। ଏପରି କି ମନ୍ଦିର ପ୍ରଶାସନର କିଛି ଅଧିକାରୀ କାମିଆଙ୍କୁ ସହଯୋଗ କରି ମନ୍ଦିର ଭିତରେ ପ୍ରବେଶ କରାଇଥିବା ସମିତି ଅଭିଯୋଗ କରିଛି। ତେଣୁ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦବି ହୋଇଛି। ସମିତିର ସଭାପତି ଆଇନଜୀବୀ ରାଜେନ୍ଦ୍ର ନାୟକଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲୀପ କୁମାର ତ୍ରିପାଠୀ, ମାଙ୍ଗୁ ସେଠୀ, ପ୍ରଦୀପ ପୁରୋହିତ, ନାରାୟଣ ସାହୁ, ବଳଦେବ ପ୍ରସାଦ ବେଦବାକ୍, ରଶ୍ମି ରଞ୍ଜନ ଦାସ, ଶ୍ରଦ୍ଧାଞ୍ଜଳି ମିଶ୍ର, ଗଣେଶ ପଧାନ, ସୁରେଶ ମିଶ୍ର, ଜନ୍ମେଜୟ ପାଣିଗ୍ରାହୀ, ସଞ୍ଜୟ ମହାପାତ୍ର, ରାଜେଶ ସିଂ, ହୃଷୀକେଶ ଭୋଇ, ଜିତୁ ବଡମାଳୀ, ଚନ୍ଦନ ପ୍ରହରାଜ, ଦାସଦୀପ୍ତ ମହାପାତ୍ର, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ ଓ ସ୍ୱରୂପ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### ବାଜପେୟୀଙ୍କ ଜୟନ୍ତୀରେ ସ୍ମୃତିଚାରଣ କଲେ ଭାଜପା କର୍ମୀ

କୋକସରା,୨୬।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କୋକସରା ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ମୃତିଚାରଣ ସଭା ସୋମବାର ହୋଇଥିଲା। କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧନୀ ସଭାପତିତ୍ୱ କରିଥିଲେ। ଭାଜପା ଜିଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଜନ୍ମେଜୟ ନାୟକ, ମଣ୍ଡଳ ପ୍ରଭାରୀ ଗରୁଡ଼ଧ୍ୱଜ ମାଝି, ଏମ୍‌ପିଙ୍କ ପ୍ରତିନିଧି ସୁଧୀର କୁମାର ପାତ୍ର, ଉପସଭାପତି ଗୋପାଳ ଅଗ୍ରୱାଲ, ଆଦିବାସୀ ସେଲ ସଭାପତି ମଦନ ମୋହନ ପାତ୍ର, ବିପିନ ବିହାରୀ ମହାରଣା, କ୍ଷେତ୍ରମୋହନ ବାଗ, ଜିଲା କାର୍ଯ୍ୟକର୍ତ୍ତା ନରେନ୍ଦ୍ର ପ୍ରଧାନୀ, ଦୈତାରି ବାରିକ, ଅଶୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳର ସାଧାରଣ ସମ୍ପାଦକ ତ୍ରିନାଥ ଶବର ପରିଚାଳନା କରିଥିଲେ।

# ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ସାରସ୍ୱତ ବାଣୀପୁତ୍ର ସମ୍ମାନ


କଲେଜ ଅଧ୍ୟକ୍ଷଙ୍କୁ ଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

ଦେଓଗାଁ,୨୬।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କୁ ସାରସ୍ୱତ ବାଣୀପୁତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି। କଟକ ଗୌରୀ ଶଙ୍କର ରାଏ ଟାଉନହଲଠାରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ସଂସଦ, ଅଗ୍ନିସ୍ଫୁଲିଙ୍ଗ, ପୂଜ୍ୟପୂଜା ପରିଷଦ ଓ ଚିନ୍ମୟ ସାରସ୍ୱତ ସଂସଦ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅଧ୍ୟକ୍ଷଙ୍କୁ ଏହି ସମ୍ମାନ ମିଳିଛି। ଅଧ୍ୟକ୍ଷ ପ୍ରଧାନୀ ଅଦ୍ୟାବଧି ୧୫ଶହ ଓଡିଆ ଓ ୨ହଜାରରୁ ଉର୍ଦ୍ଧ୍ୱ ଇଂରାଜୀ କବିତା ଲେଖି ସାରିଛନ୍ତି । ତାଙ୍କ ଦ୍ୱାରା ଲିଖିତ ୭ଟି ଇଂରାଜୀ କବିତା ସଙ୍କଳନ ପ୍ରକାଶିତ ହୋଇଛି। ତାଙ୍କର ଏହି ସାଧନା ପାଇଁ ସମାରୋହରେ ଅତିଥି ଭାବେ ସାହିତ୍ୟିକ ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଟାଏକୋଣ୍ଡୋ: କଳାହାଣ୍ଡିକୁ ୩୧ ସ୍ୱର୍ଣ୍ଣ, ୧୬ ରୌପ୍ୟ

ଭବାନୀପାଟଣା,୨୬।୧୨(ଉତ୍ତମ କୁମାର ଦାଶ)

କ୍ରୀଡା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି କଳାହାଣ୍ଡି ଜିଲା। ଓପନ ଟାଏକୋଣ୍ଡୋରେ କଳାହାଣ୍ଡି ଟାଇଗର୍ସ ଟିମ ୩୧ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛି। ଗତ ୨ଦିନ ଧରି ବ୍ରହ୍ମପୁର ବିଜୁ ପଟ୍ଟନାୟକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ମୋଟ ୧୬ଟି ଜିଲାର ପ୍ରତିଯୋଗୀ ଭାଗ ନେଇଥିଲେ। କଳାହାଣ୍ଡି ଟାଇଗର୍ସ ପକ୍ଷରୁ କୋଚ ରବୀନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକରୁ ୫୪ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରତିଯୋଗୀମାନେ ୩୧ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ପଦକ ସହ ମୋଟ ୬୦ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ବିଜୟୀ ପ୍ରତିଯୋଗୀ ଜିଲାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।


ଜିଲା ପାଇଁ କୃତିତ୍ୱ ଆଣିଥିବା କ୍ରୀଡାବିତମାନେ।

# ବିଜେଡି ଶାସନରେ ଉଲ୍ଲେଖନୀୟ ବିକାଶ ହୋଇଛି

ଟିଟିଲାଗଡ଼, ୨୬।୧୨(ଶରତ ମିଶ୍ର)


ବିଜେଡି ପ୍ରତିଷ୍ଠା ଦିବସରେ ମନ୍ତ୍ରୀଙ୍କ ସହିତ ବିଜେଡି ନେତୃବୃନ୍ଦ।

**ବିଜେଡି ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଦୃଢୋକ୍ତି**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡ଼ି ମଙ୍ଗଳବାର ଦଳର ପ୍ରତିଷ୍ଠା ଦିବସ ପାଳନ କରିଥିଲା। ସକାଳେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଗଣଦୌଡକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ବିଜୁ ପଟ୍ଟନାୟକ ଛକ ପହଞ୍ଚିବା ପରେ ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀଙ୍କ ସମେତ ଦଳୀୟ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ଗୋବିନ୍ଦ ବାଟିକାରେ ଜିଲା ପରିଷଦ ସଭ୍ୟା ଗୀତା ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମନ୍ତ୍ରୀ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡ଼ି ସରକାର ରାଜ୍ୟର ସମସ୍ତ ଦିଗରେ ଉଲ୍ଲେଖନୀୟ ବିକାଶ କରିଥିବା କହିଥିଲେ। ହରିଶ୍ଚନ୍ଦ୍ର ଯୋଜନା, କାଳିଆ ଯୋଜନା, ଲକ୍ଷ୍ମୀ ବସ, ମିଶନ ଶକ୍ତି ଆଦି ପ୍ରତ୍ୟେକ ଯୋଜନା ସାଧାରଣ ପରିବାରର ମଙ୍ଗଳ କରିଛି । ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଜଳସେଚନ କ୍ଷେତ୍ରରେ ଅନେକ ପ୍ରକଳ୍ପ ସାକାର ହୋଇଛି, ଅନେକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ପ୍ରେମ ଜୈନ, ତୁରକେଲା ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ଅଜୟ ଜୟସୱାଲ, ସଇଁତଳା ବାର ସଂଘ ସଭାପତି ମାନଭଞ୍ଜନ ପାଣିଗ୍ରାହୀ, ଶ୍ୟାମା ପ୍ରସାଦ ଗରିଆ, ରାଜେଶ ପ୍ରଧାନ, ଟିଟିଲାଗଡ଼ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତାରାଣୀ ହାତୀ, ହିମାଞ୍ଚଳ ବୁଢ଼େକ, ସଞ୍ଜୟ ବେହେରା, ଟିକି ପୋଦ୍ଦାର, ପୂର୍ବତନ ପୌରାଧ୍ୟକ୍ଷା ଗୋବର୍ଦ୍ଧନ ନାଗ, ଟିଟିଲାଗଡ଼ ନଗର ବିଜେଡ଼ି ସଭାପତି ରଞ୍ଜିତ ପୃଷ୍ଟି, ଗୁଡଭେଲା ବ୍ଲକ ମହିଳା ସଭାନେତ୍ରୀ ସଞ୍ଜୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

